# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 August - 2024**

**News Editor : Tapan Kumar Maharana**

******************************

## ମୁଖ୍ୟ ସମ୍ବାଦ

- ଫାଇଲେରିଆ ରୋଗର ନିରାକରଣ ଲକ୍ଷ୍ୟରେ ଦ୍ୱିବାର୍ଷିକ ଜାତୀୟ ଗଣ ଔଷଧ ପ୍ରଦାନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆଜିଠୁ ହେଲା ଆରମ୍ଭ
- ସମଗ୍ର ରାଜ୍ୟରେ ଚାଲିଛି ମାଗଣା କୃମିନାଶକ ଔଷଧ ବଣ୍ଟନ
- ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ
- ନୌସେନା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ପୁରୀରେ ନେଇ ପ୍ରାଥମିକ ସର୍ଭେ କାର୍ଯ୍ୟ ଅନୁଷ୍ଠିତ

ଏବଂ

- ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

*English Pool*

## ଫାଇଲେରିଆ ନିରାକରଣ-କେନ୍ଦ୍ରୀୟ କାର୍ଯ୍ୟକ୍ରମ

ଫାଇଲେରିଆ ରୋଗର ନିରାକରଣ ଲକ୍ଷ୍ୟରେ ନୂଆଦିଲ୍ଲୀଠାରେ ଆଜି ଦ୍ୱିବାର୍ଷିକ ଜାତୀୟ ଗଣଔଷଧ ପ୍ରଦାନ ଅଭିଯାନରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରି କହିଛନ୍ତି, ଦେଶର ୨୦ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଜନସଂଖ୍ୟାକୁ ପ୍ରଭାବିତ କରୁଥିବା ଏହି ରୋଗ ସଂକ୍ରମଣରୁ ରକ୍ଷା କରିବା ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି । ମଶା କାମୁଡ଼ାରୁ ସୁରକ୍ଷା ଏବଂ ଫାଇଲେରିଆ ପ୍ରତିହତ ଔଷଧ ସେବନ ଏ କ୍ଷେତ୍ରରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାଏ । ଏହି ରୋଗ ଦ୍ୱାରା ଆଜୀବନ ଅକ୍ଷମତା ପ୍ରକାଶ ପାଇଥାଏ ବୋଲି ସେ କହିଛନ୍ତି । ଏହି ଅଭିଯାନରେ ବିହାର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଓଡ଼ିଶା, ତେଲଙ୍ଗାନା ଏବଂ ଉତ୍ତରପ୍ରଦେଶର ୬୩ଟି ଜିଲ୍ଲାକୁ ସାମିଲ କରାଯାଇଛି । ଶତ ପ୍ରତିଶତ ସଫଳତା ହାସଲ ଲକ୍ଷ୍ୟରେ ଘରକୁ ଘର ବୁଲି ଔଷଧ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି ।

*DHNKL/Sonepur*

## ଫାଲେରିଆ ନିରାକରଣ ଔଷଧ ପ୍ରଦାନ

ଫାଇଲେରିଆ ନିକରାକରଣ ଲକ୍ଷ୍ୟରେ ସମଗ୍ର ରାଜ୍ୟରେ ଆଜିଠାରୁ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧ କୋଟି ୯୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଫାଇଲେରିଆ ନିରୋଧି ଔଷଧ ଦିଆଯିବାର ଲକ୍ଷ୍ୟ

ରଖାଯାଇଛି । ଏହି କାର୍ଯ୍ୟକ୍ରମର ତଦାରଖ ପାଇଁ ୭୭ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର ନୀଳକଣ୍ଠ ମିଶ୍ର କହିଛନ୍ତି, ଫାଇଲେରିଆ ପ୍ରବଣ ଜିଲ୍ଲା ଓ ବ୍ଲକ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଆଶା ଓ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ବୁଲି ଔଷଧ ସେବନ କରାଇବେ । ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସାମୂହିକ ଫାଲେରିଆ ନିରାକରଣ ଔଷଧ ପ୍ରଦାନ ଆରମ୍ଭ ହୋଇଛି । ତରଭା ବିଜ୍ଞପିତ ଅଞ୍ଚଳରେ ପ୍ରଶାସନିକ ଓ ସ୍ୱାସ୍ଥ୍ୟସେବା ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଥିଲା । ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ । ଗର୍ଭବତୀ ମହିଳା, ଦୁଇ ବର୍ଷରୁ କମ୍ ବୟସର ଶିଶୁ ଏବଂ ସପ୍ତାହକ ମଧ୍ୟରେ ପ୍ରସବ କରିଥିବା ମହିଳା ଏବଂ ଅତ୍ୟନ୍ତ ଅସୁସ୍ଥ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ଏହି ଔଷଧ ମାଗଣାରେ ପ୍ରଦାନ କରାଯାଉଛି ।

ଏହି ଉପଲକ୍ଷେ ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚବିଦ୍ୟାଳୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

***Kalahandi/Balangir/Nuapada***

## କୃମିନାଶକ ଔଷଧ ପ୍ରଦାନ

ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ଆଜି ରାଜ୍ୟର ୧୯ଟି ଜିଲ୍ଲାରେ କୃମିନାଶକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ଏହି ଜିଲ୍ଲାଗୁଡ଼ିକ ହେଉଛି ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଟକ, ଦେବଗଡ଼, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା ଏବଂ ପୁରୀ। ଏହି ଜିଲ୍ଲାଗୁଡ଼ିକରେ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳକ, ବାଳିକା ଏବଂ ୨୦ରୁ ୨୪ ବର୍ଷ ପର୍ଯ୍ୟନ୍ତ ମହିଳାଙ୍କୁ ଔଷଧ ପ୍ରଦାନ କରାଯାଉଛି। ଅନ୍ୟ ୧୧ଟି ଜିଲ୍ଲାରେ ଫାଇଲେରିଆ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଜିଲ୍ଲାଗୁଡ଼ିକରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଡି.ଇ.ସି. ବଟିକା ସହିତ କୃମିନାଶକ ଔଷଧ ଏବଂ ୧ରୁ ୨ ବର୍ଷ ପିଲାଙ୍କୁ କେବଳ କୃମିନାଶକ ଔଷଧ ପ୍ରଦାନ କରାଯାଉଛି। ଔଷଧ ସେବନ କରିପାରି ନ ଥିବା ବାଳକ, ବାଳିକା ଏବଂ ମହିଳାଙ୍କୁ ଆସନ୍ତା ୧୭ ତାରିଖ ଦିନ ଔଷଧ ପ୍ରଦାନ କରାଯିବ। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କ ଦ୍ୱାରା କୃମିନାଶକ ଔଷଧ ବଣ୍ଟନ କରାଯିବ।

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚମାବେଡ଼ା ଆଶ୍ରମ ସ୍କୁଲ ପରିସରରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଛି। କୃମିର ପ୍ରଭାବ ଏବଂ ଏହା ଜନିତ ସ୍ୱାସ୍ଥ୍ୟ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯାଇଛି। କୃମି ଔଷଧ ଖାଇ

ନ ଥିବା ୩ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ଆସନ୍ତା ୧୭ ତାରିଖ ଦିନ ଔଷଧ ପ୍ରଦାନ କରାଯିବ ।

ବଲାଙ୍ଗୀରସ୍ଥିତ ପୃଥ୍ୱୀରାଜ ହାଇସ୍କୁଲଠାରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ପକ୍ଷରୁ କୃମିନାଶକ ବଟିକା ବଣ୍ଟନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ଗୁରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କୃମିନାଶକ ବଟିକାର ଉପକାରିତା ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ । ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ରରେ ଏହି ବଟିକା ପ୍ରଦାନ କରାଯିବ ବୋଲି ଡାକ୍ତର ଗୁରୁ ସୂଚନା ଦେଇଛନ୍ତି ।

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଏହି ଦିବସ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସତ୍ୟସାଇ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧ରୁ ୧୯ ବର୍ଷର ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଛି ।

***Desk***

## ଘରଡିହ ପଟ୍ଟା ବଣ୍ଟନ

ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଘରଡିହ ନ ଥିବା ସମସ୍ତଙ୍କୁ ପଟ୍ଟା ବଣ୍ଟନ କରିବା ପାଇଁ ପଦକ୍ଷେପ ନିଆଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏ ସଂକ୍ରାନ୍ତ ଏକ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜ୍ୟରେ ଘରଡିହ ଶୂନ୍ୟ ଲୋକଙ୍କର ଚିହ୍ନଟ ନେଇ ସର୍ଭେ କାର୍ଯ୍ୟ ଆସନ୍ତା ୧୬ ତାରିଖରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା

ମାସ ୧୫ ତାରିଖ ସୁଦ୍ଧା ଏ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଘରଡିହ ପଟ୍ଟା ବଣ୍ଟନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି ବୋଲି ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି । ସର୍ଭେ କାର୍ଯ୍ୟରେ ସଚେତନତା ବୃଦ୍ଧି ଲାଗି ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ।

***Keonjhar/HS***

## ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ

ରାଜ୍ୟର ୬ଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଧନ୍ୟବାଦ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ରେଳ ପ୍ରକଳ୍ପଗୁଡ଼ିକ ଦ୍ୱାରା ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହ ଆଦିବାସୀ ବହୁଳ ଅଞ୍ଚଳଗୁଡ଼ିକରେ ବିକାଶର ବାଟ ଫିଟିବ । ଓଡ଼ିଶା ପୂର୍ବୋଦୟ ବିକାଶର କେନ୍ଦ୍ର ଭାବେ ପ୍ରତିପାଦିତ ହେବାରେ ଏହି ନିଷ୍ପତ୍ତି ବିଶେଷ ସହାୟକ ବୋଲି ସେ କହିଛନ୍ତି ।

ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ପାଇଁ କେନ୍ଦୁଝର ସାଂସଦ ଅନନ୍ତ ନାୟକ' ପ୍ରଧାନମନ୍ତ୍ର ଏବଂ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ରେଳ ପ୍ରକଳ୍ପକୁ ଅନୁମତି ପ୍ରଦାନ କରାଯାଇ କେନ୍ଦୁଝର

ଏବଂ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି ବୋଲି ସେ କହିଛନ୍ତି।

***Puri***

## ନୌସେନା ଦିବସ ପ୍ରସ୍ତୁତି

ପୁରୀରେ ନୌସେନା ଦିବସ ପାଳନ ନେଇ ପ୍ରାଥମିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି। ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଆଜି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି। ନୌସେନାର ୫ଟି ଜାହାଜ ଦିଗବାରଣୀ ନିକଟ ସମୁଦ୍ର ମଧ୍ୟରେ ପହଞ୍ଚିଛନ୍ତି। ସେଗୁଡ଼ିକ ହେଉଛି ଆଇଏନ୍ଏସ୍ ଜଳସ୍ୱ, ଆଇଏନ୍ଏସ୍ କିଲ୍ଟନ୍, ଆଇଏନ୍ଏସ୍ ସୁମେଧା, ଚଙ୍ଗେ ଭଳି ଯୁଦ୍ଧ ଜାହାଜ ଏବଂ ଗୋଟିଏ ଉଦ୍ଧାରକାରୀ ଜାହାଜ ମଧ୍ୟ ଅନ୍ତର୍ଭୁକ୍ତ। ଏହି ଦିବସ ପାଳନ ଲକ୍ଷ୍ୟରେ ନୌସେନା ଅଧିକାରୀ' ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଆଡମିରାଲ ଶ୍ରୀ ତ୍ରିପାଠୀ ଆଜି ସପରିବାରେ ପୁରୀ ଶ୍ରୀମନ୍ଦିରରେ ଠାକୁରଙ୍କର ଦର୍ଶନ କରିଛନ୍ତି।

***BHK/I&PR***

## ତ୍ରିରଙ୍ଗା-ବୈଠକ

ହରଘର ତିରଙ୍ଗା ଅଭିଯାନକୁ ରାଜ୍ୟରେ ବ୍ୟାପକ କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ଏହି

ଅଭିଯାନରେ ସମସ୍ତେ ସାମିଲ ହୋଇ ଦେଶର ଏକତା ଏବଂ ଦେଶଭକ୍ତି ଭାବନାକୁ ଉତ୍ସାହିତ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ରାଜ୍ୟରେ ଆସନ୍ତା ୧୩ ତାରିଖରେ ଜିଲ୍ଲାସ୍ତରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେବ । କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ସଙ୍ଗୀତ ସମସ୍ତ ସମାରୋହରେ ପରିବେଷଣ କରାଯିବ । ଆସନ୍ତା ୧୩ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଶପଥପାଠ ଅନୁଷ୍ଠିତ ହେବ ବୋଲି ବୈଠକରୁ ସୂଚନା ମିଳିଛି ।

ଏହି ପରିପ୍ରେକ୍ଷୀରେ ଭଦ୍ରକଠାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସମସ୍ତ ବ୍ଲକର ବିଡିଓ, ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା ଏବଂ ଶପଥ ପାଠ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

***Desk***

# ବିଶ୍ୱ ସିଂହ ଦିବସ

ବିଶ୍ୱରେ ସିଂହମାନଙ୍କ ବଂଶକୁ ସୁରକ୍ଷା ଓ ସଂରକ୍ଷଣ କରି ସେମାନଙ୍କ ବଂଶବୃଦ୍ଧି କରିବା ଲାଗି ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ୨୦୧୩ ମସିହାଠାରୁ ଅଗଷ୍ଟ ୧୦ ତାରିଖକୁ ଏହି ଦିବସ ପାଳନ କରାଯାଉଛି ।

ଏବେ ସାରା ବିଶ୍ୱରେ ପ୍ରାୟ ୫୦ହଜାର ସିଂହ ରହିଥିବା ଜଣାପଡିଛି । ଭାରତରେ ଦେଖାଦେଉଥିବା ପ୍ରଜାତିକୁ ଏସୀୟ ସିଂହ କୁହାଯାଇଥାଏ । ବିଶେଷ କରି ଗୁଜୁରାଟର ଗିର୍ ଜଙ୍ଗଲରେ ଏହି ସିଂହ ଦେଖିବାକୁ ମିଳିଥାଏ । ସିଂହଙ୍କ ସୁରକ୍ଷା ପାଇଁ ଗୁଜୁରାଟ ସରକାରଙ୍କର ବିଭିନ୍ନ ପଦକ୍ଷେପ ଯୋଗୁଁ ଗିର୍‌ରେ ୧୯୯୦ରେ ୨୮୪ଟି ସିଂହ ଥିବାବେଳେ ୨୦୨୦ ମସିହା ଗଣନା ଅନୁଯାୟୀ ତାହା ୬୭୪କୁ ବୃଦ୍ଧି ପାଇଛି । ସେହିପରି ଓଡ଼ିଶାର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୧୯୮୫ ମସିହାରେ ସିଂହ ବଂଶ ବୃଦ୍ଧି ଘଟି ସର୍ବାଧିକ ୫୬ରେ ପହଞ୍ଚିଥିବାର ଜଣାପଡିଛି ।

***Kandhamal***

## ସ୍ୱାଧୀନତା ଦିବସ ସମାରୋହ ନିମନ୍ତ୍ରଣ

୭୮ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦିଲ୍ଲୀର ଲାଲକିଲ୍ଲାଠାରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ନୀଳକନ୍ଦର ସାହିର ଅଙ୍ଗନବାଡ଼ି କର୍ମୀ ଲିଲି ପୁଷ୍ଟିକା ଏକ୍କାଙ୍କୁ ନିମନ୍ତ୍ରଣ କରାଯାଇଛି । ଅଙ୍ଗନବାଡ଼ି କର୍ମୀ ହିସାବରେ ସେ ତାଙ୍କର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରୁଥିବା ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କଠାରେ ପୂର୍ବରୁ ପ୍ରଶଂସିତ ହୋଇଛନ୍ତି । ଏଭଳି ସମ୍ମାନ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

***Kandhamal***

## ସରପଞ୍ଚ ଅଯୋଗ୍ୟ ଘୋଷିତ

କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଗୁମିକିଆ ପଞ୍ଚାୟତର ସରପଞ୍ଚ ତ୍ରିନାଥ ପ୍ରଧାନ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନେଇ ଅଯୋଗ୍ୟ ଘୋଷିତ ହୋଇଛନ୍ତି । ଫଳରେ ସେ ତାଙ୍କର ସରପଞ୍ଚ ପଦବୀ ହରାଇଛନ୍ତି । ଗତ ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ତ୍ରିନାଥ ପ୍ରଧାନ ତାଙ୍କ ସତ୍ୟପାଠରେ ସନ୍ତାନଙ୍କ ସଂଖ୍ୟା ନେଇ ଦେଇଥିବା ତଥ୍ୟ ପ୍ରକୃତ ତଥ୍ୟଠାରୁ ଅଲଗା ବୋଲି ଜଣାପଡ଼ିବା ପରେ ତାଙ୍କ ବିରୁଦ୍ଧରେ ଏହି ପଦକ୍ଷେପ ନିଆଯାଇଛି । ସତ୍ୟପାଠରେ ମିଥ୍ୟା ତଥ୍ୟ ଅଭିଯୋଗ ନେଇ ତାଙ୍କ ବିରୁଦ୍ଧରେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ଦାଖଲ କରାଯାଇଥିଲା । ଅଭିଯୋଗ ଆଧାରରେ ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜିଲ୍ଲାପାଳ ତାଙ୍କୁ ସରପଞ୍ଚ ପଦବୀ ପାଇଁ ଅଯୋଗ୍ୟ ଘୋଷଣା କରିଛନ୍ତି ।

***HS***

## ପାଣିପାଗ

ରାଜ୍ୟରେ ମୌସୁମୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ନେଇ ୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ଜିଲ୍ଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କେନ୍ଦୁଝର । ଆସନ୍ତା ମଙ୍ଗଳବାରଠାରୁ ୩ ଦିନ ଧରି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

ହୀରାକୁଦ ଜଳଭଣ୍ଡାରରୁ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସିତ ହେଉଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨ ଲକ୍ଷ ୪୮ ହଜାର ୭୮୩ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ସେହି ସମୟ ମଧ୍ୟରେ ସମପରିମାଣର ଜଳ ନିଷ୍କାସିତ ହେଉଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୧୨ ଦଶମିକ ୭/୩ ଫୁଟ ରହିଥିଲା।